## ସଂକ୍ଷେପରେ

### ୨୫୧ ହିତାଧିକାରୀଙ୍କୁ ଜମିପଟ୍ଟା ବଣ୍ଟନ

**କାମାକ୍ଷାନଗର, ୨।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲ ଅଧୀନ ବିଭିନ୍ନ ଗ୍ରାମର ଭୂମିହୀନ ହିତାଧିକାରୀଙ୍କୁ ରବିବାର ଜମିପଟ୍ଟା ବଣ୍ଟନ କରିଛନ୍ତି ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ତୁଳସୀପଣି, ଲୋକନାଥପୁର, ଗୋଦରବିଲି, ପଲିକାଟେଣୀ, ଭଏରପୁର, ବାଙ୍ଗୁରା, ବିଜାଡ଼ିହ ଆଦି ଗ୍ରାମର ୨୫୧ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ସଞ୍ଜୟ କୁମାର ରାଉତ, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ସାହୁ, ସରପଞ୍ଚ ପଠାଣିସାମନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ

**ଢେଙ୍କାନାଳ ଅଫିସ, ୨।୩:** ଢେଙ୍କାନାଳ ରାମେଶ୍ୱରପୁର ଅଞ୍ଚଳରେ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୮ମ ବାର୍ଷିକ ସତ୍‌ସଙ୍ଗ ରବିବାର ଅନୁଷ୍ଠିତ ହୋଇଯାଇଛି। ଋତ୍ୱିକ୍ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବୀର ପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ରଘୁନାଥ ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିନତି ପ୍ରାର୍ଥନା, ସତ୍ୟାନୁସରଣ ପାଠ କରାଯାଇଥିଲା। କବି ଗୌରବ ବିଦ୍ୟାଧର ବାରିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରସାଦ ସେବନ ପରେ ୩ଜଣ ଭକ୍ତ ଦୀକ୍ଷା ଗ୍ରହଣ କରିଥିଲେ। ଅଭିମନ୍ୟୁ ବେହେରା, ମୃତ୍ୟୁଞ୍ଜୟ ନାୟକ, ସମରେନ୍ଦ୍ର ଷଡ଼ଙ୍ଗୀ, ଅଲେଖ ଚନ୍ଦ୍ର ବେହେରା, ଶିବାନନ୍ଦ ସାହୁ, ଦେବାନନ୍ଦ ସାହୁ, ଶଙ୍କର୍ଷଣ ଶତପଥୀ, ଈଶ୍ୱର ଚନ୍ଦ୍ର ମୁଦୁଲି, ବିଦ୍ୟାଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଆଇନ ସହାୟତା ବ୍ୟବସ୍ଥା ତର୍ଜମା




**ଢେଙ୍କାନାଳ ଅଫିସ, ୨।୩:** ଢେଙ୍କାନାଳ ଆଇନ ମହାବିଦ୍ୟାଳୟରେ ସୋମବାର 'ଅପରାଧର ଶିକାର ଓ ଆଇନ ସହାୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ପ୍ରାଯୁକ୍ଷ ଦଣ୍ଡସେନା ଯୋଗଦେଇ ଅଦାଲତ ଏବଂ ଆଇନ ବ୍ୟବସ୍ଥା ଉପରେ ତର୍ଜମା କରିଥିଲେ। ପୀଡ଼ିତଙ୍କୁ କ୍ଷତିପୂରଣ, ଥଇଥାନ, ବିଭିନ୍ନ ଦଣ୍ଡବିଧି ଆଇନ ଏବଂ ଅନ୍ତର୍ଜାତୀୟ ବୁଝାମଣା ଉପରେ ସେ ଆଲୋଚନା କରିଥିଲେ। କଲେଜ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଛାତ୍ର ମନୋଜ କୁମାର ପୃଷ୍ଟି ସଞ୍ଚାଳନ କରିଥିଲେ। ଅଧ୍ୟାପକ ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବହୁ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଆଜିଠୁ ଯୁକ୍ତ ୨ ପରୀକ୍ଷା
### ଜିଲାରେ ୭ହଜାର ପରୀକ୍ଷାର୍ଥୀ

**ଢେଙ୍କାନାଳ ଅଫିସ, ୨।୩:** ସାରା ରାଜ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଯୁକ୍ତ ୨ ପରୀକ୍ଷା। ଢେଙ୍କାନାଳ ଜିଲାର ୫୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିଲାଗି ୪୨ଟି କେନ୍ଦ୍ର କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ର ସିସିଟିଭି ସ୍କାନରରେ ରହିଛି। ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭ଟି କଲେଜର ପରୀକ୍ଷାର୍ଥୀ ପରୀକ୍ଷା ଦେବା ଲାଗି ବନ୍ଦୋବସ୍ତ କରାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏଠାରୁ ଗେଙ୍ଗୁଟିଆ, ଇନ୍ଦିପୁର, ବଣସିଂହ, ଭାପୁର, ଗୋବିନ୍ଦପୁର ଏବଂ ସାନ୍ଧ୍ୟ କଲେଜକୁ ପ୍ରଶ୍ନପତ୍ର ପଠାଯିବ। ପରୀକ୍ଷା କେନ୍ଦ୍ରଗୁଡିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କ'ଣ ହେବ କୋଟିଏ

(ରତନ ନାୟାର)
**ଢେଙ୍କାନାଳ ଅଫିସ, ୨।୩**


କପିଳାସ ପୀଠ।

- କପିଳାସ ପୀଠ ବିକାଶରେ ଅନ୍ତରାୟ ଜଙ୍ଗଲ ଆଇନ
- ଏଏସ୍‌ଆଇ ଅନୁମତି ବିନା ଟଙ୍କାଟିଏ ଖର୍ଚ୍ଚ ହୋଇପାରିବନି
- ଅନୁଦାନ ଅର୍ଥ ନ ମିଳୁଣୁ ଚିନ୍ତାରେ ଦେବୋତ୍ତର ବିଭାଗ

ରାଜସ୍ୱ ଆଦାୟର ଅନ୍ୟତମ ପନ୍ଥା ପର୍ଯ୍ୟଟନ ଶିଳ୍ପ। ବିଳମ୍ବରେ ହେଲେ ମଧ୍ୟ ଏ କଥାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ନିଜର ପଞ୍ଚମ ପାଳି ଶାସନରେ ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକ ଉପରେ ଫୋକସ୍ କରିଛନ୍ତି ନବୀନ ସରକାର। ନିକଟରେ ୨୩ ପର୍ଯ୍ୟଟନ କ୍ଷେତ୍ରର ବିକାଶ ଲାଗି ମଞ୍ଜୁର କରାଯାଇଛି ଅନୁଦାନ। ଏହି କ୍ରମରେ ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସକୁ ମିଳିଛି ୧ କୋଟି ଟଙ୍କା। ଦ୍ୱାଦଶ ଶତାବ୍ଦୀର ଏହି ପ୍ରାଚୀନ ପୀଠକୁ ମିଳିଥିବା ଅନୁଦାନ ଅର୍ଥ ଯଦିଓ ସମୁଦ୍ରକୁ ଶଙ୍ଖେ, ତଥାପି ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ହେଲେ ଏବେ ପ୍ରଶ୍ନ ଉଠୁଛି ଟଙ୍କା ଖର୍ଚ୍ଚ ହେବ କେମିତି। କାରଣ ମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ହାତକୁ ଯିବା ପରେ ଏଠାରେ ଜାରି ହୋଇଛି କଟକଣା। ଏଏସ୍‌ଆଇର ବିନା ଅନୁମତିରେ ପୀଠରେ ଅନ୍ୟ ବିଭାଗର ଟଙ୍କାଟିଏ ଖର୍ଚ୍ଚ ହୋଇପାରିବ ନାହିଁ। ଏପରି କି ବିକାଶମୂଳକ କାର୍ଯ୍ୟ କରିବା ମଧ୍ୟ ବେଆଇନ। ଅନ୍ୟପଟେ ଜଟିଳ ଜଙ୍ଗଲ ଆଇନରେ ଛନ୍ଦି ହୋଇ ରହିଛି ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ। ଫଳରେ ଅନୁଦାନ ଟଙ୍କା ମିଳିବା ଆଗରୁ ଏହାକୁ କିପରି ବିନିଯୋଗ କରାଯିବ ତାହାକୁ ନେଇ ଚିନ୍ତାରେ ପଡ଼ିଛି ଦେବୋତ୍ତର ବିଭାଗ।

ଆଧ୍ୟାତ୍ମିକତା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଯୁଗଳବନ୍ଦୀ ହେଉଛି କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖର ଜୀଉଙ୍କ ପୀଠ କପିଳାସ। ଏହି ପବିତ୍ର କ୍ଷେତ୍ରରେ ବର୍ଷତମାମ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ତେବେ ପାନୀୟଜଳ ସମସ୍ୟା, ଆଲୋକୀକରଣ, ବିଶ୍ରାମାଗାର ନିର୍ମାଣ ହେଉ ନ ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ଅନେକ ସମୟରେ ତିକ୍ତ ଅନୁଭୂତି ନେଇ ଫେରିଥାନ୍ତି। ଏପରି ସ୍ଥିତିରେ ୨୦୦୭ରୁ ଏଏସ୍‌ଆଇ ହାତରେ ନ୍ୟସ୍ତ କରାଯାଇଛି ପୀଠର ରକ୍ଷଣାବେକ୍ଷଣ ଦାୟିତ୍ୱ। ଦୀର୍ଘ ୧୩ ବର୍ଷ ମଧ୍ୟରେ ମନ୍ଦିର ସମେତ ଏହାର ଆଖପାଖ ଅଞ୍ଚଳରେ ସେଭଳି ଆଖିଦୃଶିଆ ବିକାଶ ହୋଇନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ଥିବାରୁ ଏଠାରେ ଅନ୍ୟ ବିଭାଗର ଅନୁଦାନ ଖର୍ଚ୍ଚ ହୋଇପାରିବ ନାହିଁ ବୋଲି କଟକଣା ରହିଛି। ସେହିପରି ପୀଠକୁ ଲାଗି ରହିଥିବା କପିଳାସ ସଂରକ୍ଷିତ ଜଙ୍ଗଲ ଅନ୍ୟ ଏକ ପ୍ରତିବନ୍ଧକ। ଏସବୁ ଭିତରେ ନିକଟରେ ଜିଲା ପ୍ରଶାସନ ପକ୍ଷରୁ ପୀଠକୁ ଅଧିକ ଆକର୍ଷଣୀୟ କରିବା ଲାଗି ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରାଯାଇଛି। ଆବଶ୍ୟକ ଆଲୋଚନା ପରେ ଏହା ସରକାରଙ୍କ ନିକଟକୁ ପଠାଇବାକୁ ନିଷ୍ପତ୍ତି ହୋଇଛି। ସେହିପରି ମନ୍ଦିର ପାଦଦେଶରେ ଶ୍ରଦ୍ଧାଳୁଙ୍କ ରହିବା ଏବଂ ବିଶ୍ରାମ ପାଇଁ ଭକ୍ତନିବାସ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି ଦେବୋତ୍ତର ବିଭାଗ। ହେଲେ ପରିବେଶ ଆଇନ ଭଳି ଗୋଲକଧନ୍ଦାରୁ ମୁକୁଳି ନ ପାରିବା ଏବଂ ଅନ୍ୟ ବିଭାଗର ଅର୍ଥ ଖର୍ଚ୍ଚ ଲାଗି ରହିଥିବା ଜଟିଳ ପ୍ରକ୍ରିୟା ହିଁ ମନ୍ଦିର ବିକାଶରେ ପ୍ରମୁଖ ପ୍ରତିବନ୍ଧକ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏ ନେଇ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଜଙ୍ଗଲ ଆଇନ ମୁତାବକ କାର୍ଯ୍ୟ ହେଲେ ସବୁକିଛି ସମ୍ଭବ ହୋଇପାରିବ। ଜଙ୍ଗଲ ଜମିକୁ ଉପଯୋଗ କରି ଶିଳ୍ପ ପ୍ରତିଷ୍ଠା ହୋଇପାରୁଛି । କପିଳାସ ଭଳି ପ୍ରାଚୀନ ଶୈବପୀଠର ମଧ୍ୟ ବିକାଶ ହୋଇପାରିବ। ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଅନୁଦାନ ଆସିବା ପରେ ମନ୍ଦିରର ଉନ୍ନତୀକରଣ କଥା ଚିନ୍ତା କରାଯିବ। ମନ୍ଦିର ଦାୟିତ୍ୱରେ ପ୍ରତ୍ନତତ୍ତ୍ୱ ବିଭାଗ ରହିଛି। ପ୍ରଶାସନ ପକ୍ଷରୁ ମନ୍ଦିର ବାହାର ଅଞ୍ଚଳରେ ଆବଶ୍ୟକ ବିକାଶମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, କପିଳାସର ଉନ୍ନତୀକରଣ ଲାଗି ଯୋଜନା ପ୍ରସ୍ତୁତ କରି ପଠାଇବାକୁ ସରକାରୀ ନିର୍ଦ୍ଦେଶ ଆସିଥିଲା। ତଦନୁଯାୟୀ ଯୋଜନା ପ୍ରସ୍ତୁତ କରି ପଠାଯାଇଥିଲା। ନିକଟରେ ରାଜ୍ୟ ସରକାର ଅନୁଦାନ ମଞ୍ଜୁର କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିକାଶ କାର୍ଯ୍ୟ ସମ୍ପର୍କିତ ଡିପିଆର ପ୍ରସ୍ତୁତ କରି ରଖାଯାଇଛି। ସରକାରଙ୍କଠାରୁ ନିର୍ଦ୍ଦେଶ ଆସିଲେ ଏହାକୁ ପଠାଯିବ। ସମସ୍ତଙ୍କ ସହଯୋଗ ମିଳିଲେ କପିଳାସ ପୀଠର ବିକାଶ ହୋଇପାରିବ ବୋଲି ଜିଲାପାଳ ନିଜ ମତ ରଖିଛନ୍ତି।

## ୧୩ରେ ମିଳିତ ମଞ୍ଚର ଆନ୍ଦୋଳନ

**ଢେଙ୍କାନାଳ ଅଫିସ, ୨।୩**

ବ୍ଲକଗ୍ରାଣ୍ଟ ସ୍କୁଲ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଚଳିତ ୧୩ ତାରିଖରେ ସ୍କୁଲ, କଲେଜ ମିଳିତ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ରବିବାର ଓଷ୍ଟାସଂଘ ସଭାଗୃହରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଧଳ ଏ ନେଇ ସୂଚନା ଦେଇଛନ୍ତି। ସରକାରଙ୍କ ବିଦ୍ୟାଳୟ ବନ୍ଦ ପ୍ରସଙ୍ଗରେ ଜନଜାଗରଣ ସୃଷ୍ଟି, ଖାଲି ପଦବୀ ପୂରଣ, ପଦୋନ୍ନତି, ୭ମ ବେତନ କମିଶନ ହାରରେ ଦରମା ପ୍ରଦାନ, ଅବସରକାଳୀନ ସୁବିଧା, ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲ କର୍ମଚାରୀଙ୍କୁ ୧୦% ମହଙ୍ଗା ଭତ୍ତା ପ୍ରଦାନ, ଚୁକ୍ତି ସମୟକୁ ଚାକିରି କାଳ ହିସାବକୁ ନେବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଆନ୍ଦୋଳନରେ ଶିକ୍ଷକ, କର୍ମଚାରୀ, ଅଭିଭାବକମାନେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଜିଲା ସମ୍ପାଦକ ବିଭୂତି ସାମଲ, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶ୍ରୀରାମ ରାଉତ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, ହିନ୍ଦୋଳ ବ୍ଲକ ସଭାପତି ପ୍ରମୋଦ ସ୍ୱାଇଁ, ବିନୋଦ ସାହୁ, ଅଶ୍ୱିନୀ ରାୟ, ଶଶିକାନ୍ତ ଦାସ, ରଞ୍ଜନ ସାହୁ, ସୁଶାନ୍ତ ପ୍ରଧାନ, ନିଲୁଫର ଜବିନ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶ୍ନପତ୍ର ଭାଇରାଲ ଚର୍ଚ୍ଚା

ଢେଙ୍କାନାଳ ଅଫିସ/ କାମାକ୍ଷାନଗର, (ଡି.ଏନ.ଏ.), ୨।୩


ମାଟ୍ରିକ୍ ପରୀକ୍ଷା ଶେଷଦିନରେ କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର କେତେଜଣ ଛାତ୍ର ସେମାନଙ୍କ ୟୁନିଫର୍ମରେ ଶିକ୍ଷକଙ୍କ ଦସ୍ତଖତ ନେଉଛନ୍ତି।

- ସରିଲା ମାଟ୍ରିକ୍ ପରୀକ୍ଷା
- କପିକରି ଧରାପଡ଼ିଲେ ୧୬
- ବିବି ହାଇସ୍କୁଲରେ ଖାତା ମୂଲ୍ୟାୟନ କେନ୍ଦ୍ର

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ସୋମବାର ଶେଷ ହୋଇଛି। ଢେଙ୍କାନାଳ ଜିଲାରେ ଅନ୍ତିମ ଦିବସରେ ସାମାଜିକ ବିଜ୍ଞାନ ବିଷୟରେ କପିକରି ୧୮ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଆଳତୁମା ହାଇସ୍କୁଲ କେନ୍ଦ୍ରର ୩, ମହୁଲପାଳ ନିଗମାନନ୍ଦ ହାଇସ୍କୁଲର ଜଣେ, କାମାକ୍ଷାନଗର ସରକାରୀ ହାଇସ୍କୁଲର ଜଣେ, ଘଟିପିରି ହାଇସ୍କୁଲର ୮, ବାଲ୍ୟାମ୍ବା ପଞ୍ଚାୟତ ହାଇସ୍କୁଲର ୩ ପରୀକ୍ଷାର୍ଥୀ ଅଛନ୍ତି। ଆସନ୍ତା ୧୮ରୁ ଏପ୍ରିଲ ୯ ଯାଏ ଢେଙ୍କାନାଳ ବିବି ହାଇସ୍କୁଲରେ ଖାତା ମୂଲ୍ୟାୟନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ଅନ୍ୟପଟେ ଅନ୍ତିମ ଦିନରେ କାମାକ୍ଷାନଗର ଅଞ୍ଚଳର କୌଣସି ଏକ କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି। ପରୀକ୍ଷା ଆରମ୍ଭ ହେବାର ଘଣ୍ଟାଏ ପରେ ପ୍ରଶ୍ନପତ୍ରର ଫଟୋ ମୋବାଇଲରୁ ମୋବାଇଲକୁ ଘୂରି ବୁଲିଥିଲା। ପରୀକ୍ଷା ଶେଷ ହେବା ପରେ ଛାତ୍ରୀଛାତ୍ରଙ୍କୁ ପଚାରିବା ପରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଜଣାପଡ଼ିଥିଲା। ଶେଷ ଦିନରେ ଏପରି ବିଭ୍ରାଟ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ଅନ୍ୟପଟେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ପ୍ରଶ୍ନପତ୍ର ଭାଇରାଲ ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କପି ଏବଂ ବ୍ୟାପକ ଅବ୍ୟବସ୍ଥା ନଜରକୁ ଆସିବା ପରେ କାମାକ୍ଷାନଗର ଉପଖଣ୍ଡର ସମ୍ବେଦନଶୀଳ ୧୮ ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି କପି ପ୍ରବେଶ କରି ନ ପାରିବ ସେଥିଲାଗି ୧୪୪ ଧାରା ଲାଗୁ କରାଯାଇଥିଲା। ଏହା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରଘଟ ହେବା ପରୀକ୍ଷା ପରିଚାଳନା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ କେଉଁ କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

ଏ ନେଇ ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି। ଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯିବ। ପ୍ରଶ୍ନପତ୍ରରେ ଥିବା ବାର୍‌କୋଡ୍ ଆଧାରରେ ଏହା ସ୍ପଷ୍ଟ ହୋଇଯିବ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗାଡ଼ି ଚୋରି ଅଭିଯୋଗ, ୩ ଗିରଫ

**ଯୋଡ଼ା, ୨।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ବସ୍‌ଷ୍ଟାଣ୍ଡ ନିକଟରୁ ଦୁର୍ଘଟଣାରେ ଆହତ ଜଣେ ବ୍ୟକ୍ତିଙ୍କ ବୁଲେଟ୍ ଚୋରି ଅଭିଯୋଗରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତମାନେ ହେଲେ ସୁମନ ମୁଣ୍ଡା, ଅନିଲ ଲୋହାର ଓ ଲାଲସିଂ ଲମାଇ। ଗତ ମଙ୍ଗଳବାର ପଶ୍ଚିମଯୋଡା ଅଂଚଳର ଅଶାନ୍ତୁଲୁ ରେଡ୍ଡି ବୁଲେଟ୍ ଯୋଗେ ଯୋଡା ବସ୍‌ଷ୍ଟାଣ୍ଡକୁ ପରିବା କିଣିବା ପାଇଁ ଆସିଥିଲେ । ବୁଲେଟ ରଖି ପରିବା କିଣିବା ପାଇଁ ଯାଉଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଆହତ ଅବସ୍ଥାରେ ଅଶାନ୍ତୁଲୁ ରାସ୍ତାରେ ପଡି ଛଟପଟ ହେଉଥିବା ବେଳେ ଲୋକେ ତାଙ୍କୁ ଘେରିଯାଇଥିଲେ। ଏହାର ସୁଯୋଗ ନେଇ ରାସ୍ତାରେ ପଡିଥିବା ଅଶାନ୍ତୁଲୁଙ୍କ ଗାଡ଼ି ଚାବି ପାଇ ଅଭିଯୁକ୍ତମାନେ ବୁଲେଟ୍‌ଟି ନେଇ ପଳାଇଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ସୋର, ୨।୩(ଡି.ଏନ୍.ଏ.)**

ସୋର-ବାହାନଗା ମଧ୍ୟବର୍ତ୍ତୀ ବିଦୁ ନିକଟ ଟ୍ରେନ୍ ଲାଇନରେ ସୋମବାର ଅପରାହ୍ନ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଜିଆରପି ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ମିଳିନାହିଁ।

## ବିଜୁ ଜୟନ୍ତୀରେ ହେବ ମହିଳା ସମାବେଶ


ବିଧାୟକଙ୍କ ଗହଣରେ ବିଜେଡିରେ ଯୋଗଦେଇଥିବା ମହିଳାମାନେ।

**ଢେଙ୍କାନାଳ ଅଫିସ, ୨।୩**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ଢେଙ୍କାନାଳ ପୌରାଞ୍ଚଳରେ ମହିଳା ସମାବେଶ ଏବଂ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହେବ। ଏ ନେଇ ସ୍ଥାନୀୟ ଦକ୍ଷିଣକାଳୀ ରୋଡସ୍ଥିତ ରତ୍ନମଣ୍ଡପରେ ପ୍ରସ୍ତୁତି ଆରମ୍ଭ ହୋଇଥିବା ବିଧାୟକ ସୁଧୀର କୁମାର ସାମଲ ସୂଚନା ଦେଇଛନ୍ତି। ଏହି ଅବସରରେ ୧୦ନଂ. ୱାର୍ଡର ରାଜଶ୍ରୀ ନାଏକ, ଆଇନଜୀବୀ ପଦ୍ମିନୀ ନାଏକ, ସୁଇପର ସଂଘ ସମ୍ପାଦିକା କଳ୍ପନା ବେହେରା ବିଜେଡିରେ ଯୋଗଦେଇଥିଲେ। ବରିଷ୍ଠ ନେତ୍ରୀ ସାଗରିକା ମିଶ୍ର, ନରୋତ୍ତମ ସାହୁ, ଦେବୀ ପ୍ରସାଦ ଭୂତିଆ, ଇନ୍ଦ୍ରମଣି ବେହେରା, ଦେବାଶିଷ ମିଶ୍ର, ଲକ୍ଷ୍ମୀଧର ସାହୁ, ସାଇଶ୍ରୀ ପଟ୍ଟନାୟକ, ସୁରଜ ମହାପାତ୍ର, ଶଶିକାନ୍ତ ମିଶ୍ର, ଅଶ୍ରଫ୍ ଅଲ୍ଲୀ ଖାଁ, ବିନୋଦ ମହାନ୍ତି, ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ବିଜୁ ଜୟନ୍ତୀ ସମାରୋହକୁ ଆକର୍ଷଣୀୟ କରିବାକୁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ଶିକ୍ଷକଙ୍କ ବାସଭବନରୁ ଚୋରି

**ଖଇରା,୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ପୂର୍ବପଡ଼ା ଗ୍ରାମର ଶିକ୍ଷକ ମାନସ କୁମାର ଲେଙ୍କାଙ୍କ ବାସଭବନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଖଇରା ଥାନା ଏସ୍‌ଆଇ ଅଶ୍ୱିନୀ ବେହେରା ଏକ ମାମଲା(ନଂ.୪୮/୨୦) ରୁଜୁ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଶିକ୍ଷକ ଲେଙ୍କା ସ୍କୁଲ ଚାଲିଯିବା ପରେ ତାଙ୍କ ସ୍ତ୍ରୀ ଓ ପୁଅ ଘରେ ତାଲା ପକାଇ କୌଣସି କାମରେ ପଡ଼ୋଶୀ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ମୁଖ୍ୟ କବାଟ ତାଲା ଭାଙ୍ଗି ଘରେ ପଶି ଆଲମିରା ଭାଙ୍ଗି ଆନୁମାନିକ ୫ଲକ୍ଷ ଟଙ୍କାର ଅଳଙ୍କାର ନେଇ ପଳାଇଥିବା ଅଭିଯୋଗ ହୋଇଛି।

# ୧୪ରୁ ମହିମା ଜ୍ୟୋତିଯାତ୍ରା


ଆଲୋଚନାରେ ଭାଗ ନେଇଥିବା ସାଧୁସନ୍ୟାସୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୨।୩**

ମହିମା ଧର୍ମର ନିଗୂଢ଼ ରହସ୍ୟକୁ ଜନମାନସରେ ପରିଚିତ କରାଇବାକୁ ମାର୍ଚ୍ଚ ୧୪ରୁ ଆରମ୍ଭ ହେବ ୭ମ ମହିମା ଜ୍ୟୋତିଯାତ୍ରା। କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବାକୁ ସୋମବାର ବିଭିନ୍ନ ଗ୍ରାମରେ ପ୍ରଚାରପତ୍ର ବଣ୍ଟା ଯାଇଛି। ଏଥିସହ ଅନେକ ସ୍ଥାନରେ ପୋଷ୍ଟର ମରାଯାଇଛି। କୌପିନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା, ସଂଯୋଜକ ପ୍ରଦ୍ୟୁମ୍ନ ରଥ, ଆବାହକ ପ୍ରଶାନ୍ତ ମହାପାତ୍ର, ଶତ୍ରୁଘ୍ନ ସାହୁ, ଅରକ୍ଷିତ ପ୍ରଧାନ ପ୍ରମୁଖ ଜ୍ୟୋତି ପରିକ୍ରମା କରିବାକୁ ଥିବା ବିଭିନ୍ନ ମହିମା ଟୁଙ୍ଗି ଗସ୍ତ କରି ଆଲୋଚନା କରିଛନ୍ତି।

ଗୁଣ୍ଡିଚାପଡ଼ା ଗ୍ରାମରୁ ମହିମାଜ୍ୟୋତି ଯାତ୍ରାର ଶୁଭାରମ୍ଭ ହେବ। ଏହି ଜ୍ୟୋତି ପର୍ଯ୍ୟାୟକ୍ରମେ ବାବନ୍ଧ ମହିମା ଟୁଙ୍ଗି, ଓଡ଼ାପଡ଼ା, ଗୁଡ଼ିଆକାଟେଣୀ ଛକ, କାରନ୍ଦା, ବାଲିମୀ, ରଞ୍ଜାଗୋଳ ପରିକ୍ରମା କରି ଗାଲପଡ଼ା ମହିମା ଅଖଣ୍ଡବଟି ମନ୍ଦିରରେ ପହଞ୍ଚିବ। ସେଠାରେ ସନ୍ଧ୍ୟାରେ ଧର୍ମସଭା ଆୟୋଜିତ ହେବ। ୧୫ତାରିଖ ପୂର୍ବାହ୍ନ ୯ଟାରେ ବ୍ରହ୍ମଜ୍ୟୋତି ଲିଙ୍ଗିରା ନଦୀସ୍ଥିତ ଭାନୁପଡ଼ା ଟୁଙ୍ଗିରେ ପହଞ୍ଚିବ। ସେଠାରୁ ହିନ୍ଦୋଳ ବ୍ଲକର ଖଲିବେରେଣା, ସଞ୍ଜପଡ଼ା, ଗାଙ୍ଗିଯୋଡ଼ି, ବଅଁରପାଳ ବ୍ଲକ ନଳଚନ୍ଦ୍ରପୁର, ବଡ଼ଖଲି ଦେଇ ଭାଗବତପୁର ମହିମା ସିଦ୍ଧପୀଠରେ ପହଞ୍ଚିବ। ସେଠାରେ ଜ୍ୟୋତିଯାତ୍ରା ଉଦ୍‌ଯାପନୀ କାର୍ଯ୍ୟକ୍ରମ ହେବ। ଏହାପରେ ରାତିରେ ଜ୍ୟୋତିକୁ ଆଦିପୀଠ ତପୋବନକୁ ଫେରାଇ ଅଣାଯିବ ବୋଲି ନିଷ୍ପତ୍ତି ହୋଇଛି।

## 'ନିର୍ଯାତନା ସଭ୍ୟ ସମାଜ ପାଇଁ କଳଙ୍କ'

**ଢେଙ୍କାନାଳ ଅଫିସ, ୨।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସୋମବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ନିର୍ଯାତନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଏହାକୁ ଉଦ୍‌ଘାଟନ କରି କହିଲେ, ନିର୍ଯାତନା ହେଉଛି ଶାରୀରିକ ଓ ମାନସିକ ଯନ୍ତ୍ରଣା। ସଭ୍ୟ ସମାଜ ପାଇଁ ନିର୍ଯାତନା ହେଉଛି କଳଙ୍କ। ଏଥିରୁ ମୁକ୍ତି ଲାଗି ମିଳିତ ଜାତିସଂଘର ଭୂମିକା ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନ ମୁଖ୍ୟ ଡ. ମାନସୀ କର, ଅଧ୍ୟାପକ ରଞ୍ଜନ ସାହୁ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଦେବୀଦତ୍ତ ଦାସ ବେହେରା, ରିଙ୍କି ରାଉତ, ଗାୟତ୍ରୀ ସାମଲ, ଲିଜାମୟୀ ଧଳ, ରଶ୍ମିତା ସାହୁ, ସରିତା ପଟ୍ଟନାୟକ, ଲିପିକା ସାହୁ, ଶାନ୍ତନୁ ବେହେରା, ଦୀପକ ଦାସ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ।

# ଆର୍‌ଟିଓ ଯାଞ୍ଚ ଜୋରଦାର

**ଢେଙ୍କାନାଳ ଅଫିସ, ୨।୩**


ଯାନବାହନ ଯାଞ୍ଚ କରାଯାଉଛି।

- ୫୨ ଯାନବାହନରୁ କଟାଗଲା ଚାଲାଣ
- ୪ଲକ୍ଷ ୮ହଜାର ଟଙ୍କା ଜରିମାନା ଆଦାୟ

ସଂଶୋଧିତ ମୋଟର ଯାନ ଆଇନ ଲାଗୁ କରାଯିବା ପରେ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି କଠୋର ହୋଇଛି ଢେଙ୍କାନାଳ ଜିଲା ପୋଲିସ ଏବଂ ଆଞ୍ଚଳିକ ପରିବହନ ବିଭାଗ (ଆର୍‌ଟିଓ)। ଏହି ପରିପ୍ରେକ୍ଷୀରେ କଟକଣା ଜାରି ହେବାର ଦ୍ୱିତୀୟ ଦିନରେ ଆର୍‌ଟିଓ ପକ୍ଷରୁ ୫୨ ଯାନବାହନର ଚାଲାଣ କଟାଯାଇଛି। ଜରିମାନା ବାବଦକୁ ୪ଲକ୍ଷ ୮ହଜାର ଟଙ୍କା ଆଦାୟ କରାଯାଇଛି।

ଟ୍ରାଫିକ୍ ଦଣ୍ଡକୁ ଡରୁନାହାନ୍ତି ଗାଡ଼ିଚାଳକ। ଦ୍ୱିତୀୟ ଦିନରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଥିଲା ଢେଙ୍କାନାଳରେ। ଅନେକ ବାଇକ୍ ଚାଳକ ନିଜର ସୁରକ୍ଷାକୁ ବିପନ୍ନ କରି ଗାଡ଼ି ଚଳାଉଥିବା ଦେଖିବାକୁ ମିଳିଥିଲା। ବିନା ହେଲମେଟରେ ଗାଡ଼ି ଚଳାଉଥିବା ବେଳେ ୪୦ ଚାଳକ, ଗାଡ଼ି ଚଳାଇବାବେଳେ ମୋବାଇଲ ବ୍ୟବହାର କରୁଥିବା ୩ ଚାଳକ ଏବଂ ସିଟ୍‌ବେଲ୍ଟ ବାନ୍ଧି ନ ଥିବା ଅଭିଯୋଗରେ ୫ଜଣ ଡ୍ରାଇଭରଙ୍କ ଚାଲାଣ କରାଯାଇଥିଲା। ସେହିପରି ଜଣେ ମଦ୍ୟପ ବାଇକ ଆରୋହୀ, ଗୋଟିଏ ଓଭରଲୋଡିଂ ଏବଂ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରୁଥିବା ୨ଟି ଗାଡ଼ିରୁ ଚାଲାଣ କଟାଯାଇଛି।

ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝିଙ୍କ ନେତୃତ୍ୱରେ ମୋଟରଯାନ ନିରୀକ୍ଷକ ସମ୍ବିତ କୁମାର, ଅତିରିକ୍ତ ଆରଟିଓ ଦେବାଶିଷ ସ୍ୱାଇଁ, ଜୁନିୟର ଏମ୍‌ଭିଆଇ ମାନସ ପୃଷ୍ଟି ପ୍ରମୁଖ ଯାନବାହନ ଯାଞ୍ଚ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୩/୨୦୨୦, Dhenkanal, Tuesday, March 3 / 2020

## ସଂକ୍ଷେପରେ

### ରଦ୍ଦ ହେଲା ବାପିଙ୍କ ବେଲ୍



ଅନୁଗୋଳ ଅଫିସ, ୨।୩- ବେଆଇନ ଭାବେ ବନ୍ଧୁକ ଜବତ ମାମଲାରେ ଅନୁଗୋଳ ପୋଲିସ ଲିଙ୍ଗରାଯୋଡ଼ିର ବାପି ଓରଫ୍ ସତ୍ୟଜିତ ପ୍ରଧାନ(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଓ ମାତ୍ର ୩୦ ମିନିଟରେ ତାଙ୍କୁ ବେଲ୍ ମିଳିଯିବା ମାମଲାର ବିଚାର କରି ଜିଲା ଓ ଦୌରାଜଜ୍ ଉକ୍ତ ବେଲ୍‌କୁ ରଦ୍ଦ କରିଦେଇଛନ୍ତି। ସରକାରୀ ପିପି ପ୍ରଦୀପ ଦାଶଙ୍କ ପକ୍ଷରୁ କୋର୍ଟରେ ଏଥିପାଇଁ ଆବେଦନ କରାଯାଇଥିଲା। ପୂର୍ବରୁ ଏହି ମାମଲାର ଶୁଣାଣି ସରିଥିବାବେଳେ ରାୟ ସଂରକ୍ଷିତ ରଖାଯାଇଥିଲା। ସୋମବାର କୋର୍ଟ ତାଙ୍କ ରାୟରେ ବାପିଙ୍କୁ ମିଳିଥିବା ବେଲ୍ ରଦ୍ଦ କରିଦେବା ସହ ଆସନ୍ତା ୪ ତାରିଖ ମଧ୍ୟରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଯଦି କୋର୍ଟରେ ବାପି ଆତ୍ମସମର୍ପଣ ନ କରନ୍ତି ତେବେ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି ହେବ ବୋଲି କୋର୍ଟ ରାୟରେ ପ୍ରକାଶ କରିଛନ୍ତି।

### ହତ୍ୟା ଉଦ୍ୟମ ଅଭିଯୋଗ, ଯୁବକ ଗିରଫ

ଅନୁଗୋଳ ଅଫିସ୍, ୨।୩-ଅନୁଗୋଳ ଥାନା କୁମଣ୍ଡ ଅଞ୍ଚଳର ଜଣେ ୫ ବର୍ଷୀୟ ଶିଶୁପୁତ୍ରଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଠାକୁରଗଡ଼ ଥାନା ଅଞ୍ଚଳର ଲୁନା ବେହେରା(୨୬)ଙ୍କୁ ପୋଲିସ ଗିରଫ କରିଛି। ଲୁନା ଅନୁଗୋଳରେ ତାଙ୍କ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଘରେ କେହି ନ ଥିବାବେଳେ ଶିଶୁପୁତ୍ରଙ୍କୁ ତଣ୍ଟି ଚିପି ହତ୍ୟା କରିବାକୁ ସେ ଉଦ୍ୟମ କରିଥିବା ଶିଶୁଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଲୁନାଙ୍କୁ କୋର୍ଟ ଚାଲାଣ କରିଛି।

# ଡୋର୍‌ରେ ଦଉଡ଼ି ଭିଡ଼ି ଜରୁରୀ ସେବା

ବଇଣ୍ଡା,୨।୩(ଡି.ଏନ.ଏ.)

ଜରୁରୀ ସ୍ୱାସ୍ଥ୍ୟସେବାର ଏକ ପ୍ରମୁଖ ଅଙ୍ଗ ପାଲଟିଥିବା ୧୦୮ ଆମ୍ବୁଲାନ୍ସ ଡୋର୍‌ରେ ଭିଡ଼ାଯାଉଛି ଦଉଡ଼ି। ଗାଡ଼ିର ସାଇଟ୍ ଓ ପଛ ଡୋର୍ ଭାଙ୍ଗି ଯାଇଥିବା ବେଳେ ଏସି କି ଅକ୍ସିଜେନ ସିଲିଣ୍ଡର ମଧ୍ୟ କାମ କରୁନି। ଏପରି ଅବସ୍ଥାରେ କେତେଦିନ

- ସପ୍ତାହେ ହେଲା ଅଚଳହୋଇ ପଡ଼ିରହିଛି ଫାଣ୍ଡିରେ
- ୧୩ ପଞ୍ଚାୟତବାସୀ ସେବା ପାଇବାରୁ ବଞ୍ଚିତ
- ଜିଲାପାଳଙ୍କୁ ଅବଗତ କଲେ ଗ୍ରାମବାସୀ



ଅଚଳ ହୋଇପଡ଼ିଥିବା ୧୦୮ ଆମ୍ବୁଲାନ୍ସ।



ଅରବିନ୍ଦ ସାହୁ | ବିଜୟ କୁମାର ସାହୁ | ଜଳଧର ସାହୁ | ଚିନ୍ତାମଣି ପ୍ରଧାନ।

ରୋଗୀ ପରିବହନ କରିବା ପରେ ଏବେ ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଅଞ୍ଚଳ ପାଇଁ ମିଳିଥିବା ୧୦୮ ଆମ୍ବୁଲାନ୍ସ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସେହିପରି କିଶୋରନଗର ଅଞ୍ଚଳରେ ଥିବା ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସର ଚକ ଜାମ ଯୋଗୁ ତାହା ବି ସେବାରେ ଲାଗିପାରୁନି। ଫଳରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ୧୩ଟି ପଞ୍ଚାୟତବାସୀ ଜରୁରୀ ସ୍ୱାସ୍ଥ୍ୟସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ବଇଣ୍ଡା ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ବଇଣ୍ଡାଠାରେ ଥିବା ୧୦୮ ଆମ୍ବୁଲାନ୍ସ ୨ଟି ବ୍ଲକର ବହୁ ପଞ୍ଚାୟତବାସୀଙ୍କୁ ଜରୁରୀସେବା ଯୋଗାଇ ଦେଇ ଆସୁଛି। କିନ୍ତୁ ଦାୟିତ୍ୱରେ ଥିବା ସଂସ୍ଥା ଗାଡ଼ିର ଆବଶ୍ୟକ ରକ୍ଷଣାବେକ୍ଷଣ କରୁ ନ ଥିବାରୁ ଏବେ ଏହି ଆମ୍ବୁଲାନ୍ସ ଆଉ ସେବାରେ ଲାଗିବା ଅବସ୍ଥାରେ ନାହିଁ। ଆମ୍ବୁଲାନ୍ସର ପଛ ଡୋର କାଚ ଭାଙ୍ଗିଯିବା ସହ ସାଇଡ ଡୋର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। କର୍ମଚାରୀମାନେ ଭଙ୍ଗା ଡୋରକୁ ଦଉଡି ସାହାଯ୍ୟରେ ବାନ୍ଧି ସେବା ଯୋଗାଇ ଦେଉଥିବାବେଳେ ଏସି ସହ ବିଭିନ୍ନ ଯନ୍ତ୍ରାଂଶ ଅଚଳ ହୋଇପଡ଼ିଛି। ଫଳରେ ସପ୍ତାହେ ହେବ ଆମ୍ବୁଲାନ୍ସଟି ଆଉ ସେବାରେ ନ ରହି ବଇଣ୍ଡା ଫାଣ୍ଡିରେ ପଡ଼ିରହିଛି। ୫୫ ନଂ.

### ବଇଣ୍ଡାରେ ୧୦୮ ଆମ୍ବୁଲାନ୍ସ ଅବସ୍ଥା ଏମିତି

ଜାତୀୟ ରାଜପଥରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାବେଳେ ଏହି ସରକାରୀ ସେବା ଉପଲବ୍ଧ ହୋଇପାରୁ ନାହିଁ। ସେହିପରି କିଶୋରନଗରଠାରେ ଥିବା ଆମ୍ବୁଲାନ୍ସର ଚକା ଜାମ ହୋଇଯାଇଥିବା ଯୋଗୁ ତାହା ମଧ୍ୟ ଅଚଳ ଅବସ୍ଥାରେ ରହିଛି। କର୍ମଚାରୀମାନେ ୨ଟି ଆମ୍ବୁଲାନ୍ସ ନିକଟରେ ରହି ଡ୍ୟୁଟି କରୁଥିବାବେଳେ ଲୋକଙ୍କୁ ସେବା ମିଳୁ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦାୟିତ୍ୱ ନେଇଥିବା ଏକ ଠିକାସଂସ୍ଥା ଗାଡ଼ିଗୁଡ଼ିକର ଫିଟନେସ ଓ ମରାମତି କରୁ ନ ଥିବା ନୁନୁକାପଶି ସରପଞ୍ଚ ଜଳଧର ସାହୁ, ବଇଣ୍ଡା ଗ୍ରାମ ସଭାପତି ଚିନ୍ତାମଣି ପ୍ରଧାନ, ବିଜୟ କୁମାର ସାହୁ, ଭାଜପା ନେତା ଅରବିନ୍ଦ ସାହୁଙ୍କ ସମେତ ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ କହିଛନ୍ତି, ଉକ୍ତ ୨ଟି ଅଚଳ ଆମ୍ବୁଲାନ୍ସକୁ ମରାମତି କରି ସେବା ଯୋଗାଇ ଦେବା ପାଇଁ ଅନୁଗୋଳ ସିଡିଏମଙ୍କୁ ନିର୍ଦ୍ଦେଶ ଦିଆଯିବ।

# ୧୮ରୁ ଉଚ୍ଚ ବିଦ୍ୟାଳୟରେ ଖାତାଦେଖା



ପରୀକ୍ଷା ସରିବା ପରେ ଅନୁଗୋଳର ଏକ ପରୀକ୍ଷା କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

### ସରିଲା ମାଟ୍ରିକ୍ ପରୀକ୍ଷା

ଅନୁଗୋଳ ଅଫିସ୍, ୨।୩

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆୟୋଜିତ ମାଟ୍ରିକ୍ ପରୀକ୍ଷା ସୋମବାର ଶେଷ ହୋଇଛି। ତେବେ ଶେଷ ଦିନରେ ପରୀକ୍ଷାରେ କପି କରି କେହି ଧରାପଡ଼ି ନ ଥିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କିନ୍ତୁ କେତେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ସେ ନେଇ କୌଣସି ହିସାବ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ନାହିଁ। ଅନ୍ୟପକ୍ଷରେ ଆସନ୍ତା ୧୮ରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇ ଏପ୍ରିଲ ୧୦ ତାରିଖରେ ଶେଷ ହେବ ବୋଲି ସୂଚନା ମିଳିଛି। ଏହି ଖାତା ଦେଖା ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କଳ୍ପନା କୁମାରୀ ବେହେରା ସୂଚନା ଦେଇଛନ୍ତି। ଅନୁଗୋଳ ଜିଲାରେ ସାଧାରଣ ବିଜ୍ଞାନରେ ଅସାଧୁ ଉପାୟ ଅବଲମ୍ବନ କରି ୬ ଜଣ ପରୀକ୍ଷାର୍ଥୀ ଧରାପଡ଼ିଥିଲେ। ଡିଇଓଙ୍କ ସ୍କ୍ୱାଡ୍ ସମେତ ସେଣ୍ଟ୍ରାଲ ସ୍କ୍ୱାଡ୍ ଓ ଫ୍ଲାଇଙ୍ଗ ସ୍କ୍ୱାଡ୍ ଜିଲାର ବିଭିନ୍ନ ପରୀକ୍ଷାକେନ୍ଦ୍ର ଅନୁଧ୍ୟାନ କରିଥିଲେ। ତେବେ ଅନ୍ୟ ଜିଲା ତୁଳନାରେ ଅନୁଗୋଳ ଜିଲାରେ ମୋଟାମୋଟି ଭାବେ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ପରିଲକ୍ଷିତ ହୋଇଛି। ୧୮ ତାରିଖରୁ ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ଖାତା ଦେଖା ଆରମ୍ଭ ହେବ ଓ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ନିୟୋଜିତ ହେବେ ବୋଲି ଜିଲା ଶିକ୍ଷା ଅଧିକାରୀ କହିଛନ୍ତି।

# ୧୫ ହଜାର ଜରିମାନା ଆଦାୟ

**ଛେଣ୍ଡିପଦା, ୨।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ମହିତଳା ଛକଠାରେ ଗାଡ଼ିମୋଟର ଯାଞ୍ଚ କରାଯାଇ ସୋମବାର ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ ନିୟମ ଅନୁସାରେ ବିନା ହେଲମେଟରେ ବାଇକ୍ ଚଳାଉଥିବା, ଗୋଟିଏ ବାଇକ୍‌ରେ ୩ ଜଣ ବସିଥିବା, ଗାଡ଼ି ଚାଳନାବେଳେ ମୋବାଇଲରେ କଥା ହେଉଥିବା ଚାଳକଙ୍କୁ ଧରପଗଡ କରାଯାଇ ୩୦ଟି ଭିସିଆର୍ କଟାଯାଇଥିଲା। ଏ ବାବଦରେ ୧୫ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଆଗକୁ ଯାଞ୍ଚ କଡାକଡି କରାଯିବ ବୋଲି ଥାନା ଅଧିକାରୀ ପ୍ରୀତିମଞ୍ଜରୀ ମେଣ୍ଡୁଲୀ ପ୍ରକାଶ କରିଛନ୍ତି।

# ଚୋରି ଅଭିଯୋଗରେ ୨ ଗିରଫ

**ତାଳଚେର, ୨।୩(ନି.ପ୍ର.):** ତାଳଚେର ଟାଉନ ଥାନା ପୋଲିସ ଭୈରବୀ ସାହିରୁ ଚୋରି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରିଛି। ପ୍ରକାଶ ଯେ, ଭୈରବୀ ସାହିର ରଞ୍ଜନ ଭୂତିଆଙ୍କ ଘର କାମ ହେଉଥିବାରୁ ସମସ୍ତ ଆସବାବପତ୍ର ସହ ସୁନା ଗହଣା ସାହି କୋଠଘରେ ରଖିଥିଲେ। ଏହାର ସୁଯୋଗ ନେଇ ସେହି ସାହିର କାଳିଆ ଭୂତିଆ (୩୦) ଓ ଅରାସାହିର କାଲୁ ବେହେରା (୩୧) ରଞ୍ଜନଙ୍କ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଚଢ଼ାଉ କରି କାଳିଆ ଓ କାଲୁଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ହୋଇଥିବା ସୁନା, ରୁପା, କଂସା, ପିତଳ ସରଞ୍ଜାମ ଜବତ କରିଛନ୍ତି। ଏ ନେଇ ନଂ. ୮୩/୨୦ରେ ମାମଲା ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।



ଦୁଇ ଅଭିଯୁକ୍ତଙ୍କୁ ପୋଲିସ ହାଜର କରାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ